ବିଞ୍ଚାରପୁର ଗସ୍ତ ବେଳେ ୫-ଟି ସଚିବଙ୍କୁ ଭେଟିବ ବିଜେପି

।।ପ୍ରଭାନ୍ୟୁଜ।। ଯାଜପୁର, ୨୪।୮: ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ଉପରେ ରାଜ୍ୟ ବିଜେପି ନେତୃତ୍ୱ ପ୍ରଶ୍ନ ଉଠାଇଥିବା ବେଳେ ବିଞ୍ଚାରପୁର ବିଜେପି କିନ୍ତୁ ସଚିବଙ୍କୁ ଭେଟିବାକୁ ନିଷ୍ପତି ନେଇଛି। ବିଜେପିର ଏଭଳି ନିଷ୍ପତି ଆଶ୍ଚର୍ଯ୍ୟ କରିବା ପରି ହୋଇଥିଲା ବେଳେ ଲୋକଙ୍କ ସମସ୍ୟାକୁ ନେଇ ସଚିବଙ୍କୁ ଭେଟିବ ବୋଲି ଲଦର ନେତ୍ରୀ ବବିତା ମଲିକ ସୂଚନା ଦେଇଛନ୍ତି । ଖବର ଥାଉକି ଆସନ୍ତା ୩୧ ତାରିଖରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ବିଞ୍ଚାରପୁର ବ୍ଲକ ଗସ୍ତରେ ଆସି ବରୁଣେଶ୍ୱର ପଡିଆଠାରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଯୋଗ ଗ୍ରହଣ କରିବେ । ଏହିସମୟରେ ବିଜେପିର ଏକ ପ୍ରତିନିଧି ସଚିବଙ୍କୁ ଭେଟିବ ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତ୍ରୀ ଶ୍ରୀମତୀ ମଲ୍ଲିକ କହିଛନ୍ତି। ଶ୍ରୀମତୀ ମଲିକଙ୍କ ସୂଚନା ଅନୁଯାୟୀ ବିଞ୍ଚାରପୁର ବ୍ଲକର ୮୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି । ମୌସୁମୀର ଲୁଚକାଳି ନିଅ-ଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରୁନି । ଚାଷୀଙ୍କ କ୍ଷେତକୁ ପାଣି ନାହିଁ ଯାହାଫଳରେ ଚାଷୀ ଚାଷ କାର୍ଯ୍ୟ କରିପାରୁନି । ବିଞ୍ଚାରପୁର ବ୍ଲକର୧୪ ପଞ୍ଚାୟତର ଚାଷୀଙ୍କ ଏକମାତ୍ର ବିକଳ୍ପ ଖରସ୍ରୋତା ନଦୀ । ଖରସ୍ରୋତା ନଦୀରୁ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପାଣି ଉଠାଇ ଚାଷରେ ଲଗାଇବାକୁ ଜର୍ମାନ ସରକାରଙ୍କ ସହାୟତାରେ ୧୭ଟି ପ୍ରକଳ୍ପ ଓ କେଏଫଡବ୍ଲୁ ଯୋଜନାରେ ୬ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ନିର୍ମାଣ ହେବାସହ ରକ୍ଷଣା ବେକ୍ଷଣା ପାଇଁ ପାଣି ପଞ୍ଚାୟତ ଗଠନ କରାଯାଇଥିଲା । ଯାହାକି ସଂପୂର୍ଣ୍ଣ ବନ୍ଦ ହୋଇ ପଡିଛି । ମାତ୍ର କାଗଜପତ୍ରରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ଥିବା ଦର୍ଶାଇ ପ୍ରତିବର୍ଷ କୋଟିକୋଟି ଟଙ୍କା ଆତ୍ମସାତ କରାଯାଉଛି । ୭ଦିନ ମଧ୍ୟରେ ପାଣି ପଞ୍ଚାୟତ ଉପରେ କାର୍ଯ୍ୟାନୁଷ୍ଠାନ ସହିତ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରି ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇ ଦେବା ସହ ଅନ୍ୟ ଯୋଜନା ଘୋଷଣା କରିବାକୁ ବିଜେପି ତା ଦାବିପତ୍ରରେ ଉଲ୍ଲେଖ କରିଛି । ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା, ବିଞ୍ଚାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ପୂରଣ, ଶିକ୍ଷିତ ଯୁବକ ଯୁବତୀ ମାନଙ୍କ ପାଇଁ ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର, ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ପାଇଁ ବୃତିଗତ ଆଧାରରେ ତାଲିମ୍ କେନ୍ଦ୍ର ଭଳି ଦାବି ସଚିବଙ୍କ ପାଖରେ ରଖାଯିବ ବୋଲି ବିଜେପି ନେତ୍ରୀ ଶ୍ରୀମତୀ ମଲ୍ଲିକ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତମ ବେହେରା, ଶିବପ୍ରସାଦ ଧଳ, ବାସୁଦେବ ସାମଲ, ଗୋପାଳ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ବିଜେପି ୫-ଟି ସଚିବଙ୍କୁ ଭେଟିବାର ସୁଯୋଗ ମିଳୁଛି କି ନାହିଁ ତାହା କେବଳ ଦେଖିବାର ଅଛି ।

ପୁଅର ହାତୁଡ଼ି ମାଡ଼ରେ ବାପା ମୃତ

।।ପ୍ରଭାନ୍ୟୁଜ।। ଦାନଗଦୀ, ୨୪।୮: ଗୁରୁବାର ରାତି ସାଢେ ୭ଘଟିକା ସମୟରେ ଦାନଗଦୀ ବ୍ଲକ ଶାଳିଜଙ୍ଗା ପଞ୍ଚାୟତ ବଜ୍ରପଲ୍ଲୀ ଗ୍ରାମରେ ପୁଅର ହାତୁଡ଼ି ମାଡ଼ରେ ବାପାର ମୃତ୍ୟୁ ଘଟିଛି । କଳିଙ୍ଗନଗର ଥାନା ଅନ୍ତର୍ଗତ ଉକ୍ତ ଗ୍ରାମର ଭରତ ପରିଡ଼ା(୭୯)ଙ୍କୁ କୌଣସି କାରଣରୁ ସନ୍ଧ୍ୟା ସମୟରେ ପୁଅ ଅର୍ଜୁନ ଏକ ହାତୁଡ଼ିରେ ମୁଣ୍ଡକୁ ପିଟିଦେଇଥିଲା । ହାତୁଡ଼ି ମାଡ଼ରେ ହିଁ ଘଟଣା ସ୍ଥଳରେ ଭରତଙ୍କ ମୃତ୍ୟୁ ଘଟିଥିଲା । ଗ୍ରାମ ଲୋକେ କଳିଙ୍ଗନଗର ଥାନାକୁ ଖବର କରିବା ପରେ ପୁଲିସ ପହଁଚିଥିଲା । ଶବକୁ ଆସନ୍ତାକାଲି ସାଇ-ଫିକ ଟିମ ଉପସ୍ଥିତିରେ ଯାଞ୍ଚ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ପୁଲିସ କହିଥିବା ବେଳେ ଅଭିଯୁକ୍ତ ପୁଅ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସମ୍ବାଦିକ ସମ୍ମିଳନୀ

।।ପ୍ରଭାନ୍ୟୁଜ।। ଯାଜପୁର ଟାଉନ, ୨୪।୮ : ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଯାଜପୁର ସହର ଉତ୍କଳ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସଚିବ ଭିକେ ପାଣ୍ଡିଆନଙ୍କ ଯାଜପୁର ଗସ୍ତ ପରପ୍ରେକ୍ଷୀରେ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ଯୋଗଦେଇ ଯାଜପୁର ଜିଲ୍ଲାରେ ଅନେକ ମୌଳିକ ପ୍ରସଙ୍ଗ ରହିଛି । ଯାହାକୁ ଏବେର ସରକାର ସଂପୂର୍ଣ୍ଣ ଅଣଦେଖା କରିଚାଲିଛନ୍ତି । ଏବେ ଶ୍ରୀଯୁକ୍ତ ପାଣ୍ଡିଆନଙ୍କ ବହୁ ପ୍ରସାରିତ ଓ ବ୍ୟୟବହୁଳ ଗସ୍ତ ଯାଜପୁର ବାସୀଙ୍କୁ ଉପହାସ ପରି ଲାଗୁଛି । ଜୀବନ ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ନିଯୁକ୍ତି ସବୁର ଅବସ୍ଥା ଅତି ଗମ୍ଭୀର । ବିଜେଡିର ୨୩ବର୍ଷ ଶାସନରେ ୨୩ ଭାଗ ଜମିକୁ ଜଳ ସେଚିତ କରିପାରି ନାହିଁ। ବରଂ ଜିଲ୍ଲାର ସମୁଦାୟ ଜଳସେଚନ ୨୦ଭାଗ ତଳେ, ଧାନମଣ୍ଡି ମାନଙ୍କରେ କଟ୍‌ନୀ ଛଟ୍‌ନୀ ବ୍ୟବସ୍ଥାରେ ଲୁଟ୍ ହୋଇଥିବା ଧାନର ମୂଲ୍ୟ ବାବଦକୁ କୋଟି କୋଟି ଟଙ୍କା ଯାଜପୁରର ଚାଷୀମାନଙ୍କୁ ଫେରସ୍ତ କରାଯାଇନାହିଁ, ଶତକଡା ଜଣେ ମହିଳାଙ୍କୁ ଢ଼ାଲ କରି ମହିଳା ସମାଜର ବିକାଶର ଧ୍ୱନୀ ଦିଆଯାଉଥିବା ବେଳେ ବଳକା ୯୯ଭାଗ ମହିଳାଙ୍କୁ ରୋଜଗାରରୁ ବଂଚିତ କରାଯାଉଛି । ରାଜ୍ୟରେ ମଦଦୋକାନ ସଂଖ୍ୟା ବଢ଼ିଚାଲିଛି, ସାମାଜିକ ସୁରକ୍ଷା ବୁଢ଼ା ବୁଢ଼ୀଙ୍କୁ ବାର୍ଦ୍ଧକ୍ୟ ଭତା ମାସିକ ୩ ହଜାର ଟଙ୍କା କରିବା, ଯାଜପୁର ଜିଲ୍ଲାରୁ ୬୦ହଜାରରୁ ଊର୍ଦ୍ଧ୍ୱ ଯୁବକ ସୁରାଟ୍, ବାଙ୍ଗାଲୋର, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ୍ ଆଦି ସ୍ଥାନରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟରତ ଥିବାବେଳେ ସେମାନଙ୍କୁ ଫେରାଇ ଆଣି କର୍ମନିଯୁକ୍ତି ବ୍ୟବସ୍ଥା କରାଯିବା, ଶୀତଳ ଭଣ୍ଡାର ନିର୍ମାଣ କରିବା, ବନ୍ଦ ହୋଇଯାଇଥିବା କୋଣାର୍କ ଝୋଟକଳ, ଚିନି କଳ, ସୂତା କଳ, ତେଲ କଳ ଚାଲୁ କରିବା, ବାଲି, ମୋରମ୍, କଳାପଥର ଚୋରାଚାଲାଣକୁ ବନ୍ଦ କରାଯିବା, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଯାଜପୁର ଜିଲ୍ଲାର ପିଲାମାନଙ୍କୁ ଚାକିରୀ ପ୍ରଦାନ କରିବା ଆଦି ୫ଟି ସଚିବ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମାଧାନ କରିବା ପାଇଁ ଦାବୀ କରିଛନ୍ତି । ଦାବୀକୁ ପୂରଣ ନକରାଗଲେ ଅହିଂସାତ୍ମକ ଆନ୍ଦୋଳନ କରାଯିବ । ଏଥି ସହିତ ୫-ଟି ସଚିବଙ୍କ ବ୍ୟୟବହୁଳ ଗସ୍ତକୁ ବିରୋଧ କରାଯିବ ବୋଲି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀପ କୁମାର ବେହେରା, ମାଧବ ଶାନ୍ତି, ବିଜୟ ଦାସ, ଶିଶିର ସାମଲ, ପ୍ରଶାନ୍ତ ସ୍ୱାଇଁ, ବ୍ରହ୍ମାନନ୍ଦ ଦାଶ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

ତାସ୍ ଖେଳରୁ ମାରପିଟ; ୩ ଆହତ

।।ପ୍ରଭାନ୍ୟୁଜ।। ଆନନ୍ଦପୁର, ୨୪।୮: ତାସ ଖେଳରୁ ମାରପିଟ୍ ଘଟି ୩ ଜଣ ଆହତ ହୋଇ ଆନନ୍ଦପୁର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଆନନ୍ଦପୁର ଉପଖଣ୍ଡ ସୋସ ଥାନା ଅନ୍ତର୍ଗତ ଶଡା ଗ୍ରାମର ଶଶିକାନ୍ତ ପାତ୍ରଙ୍କ ପୁଅ ଶକ୍ତି ଏବଂ କେଶ ପାତ୍ରଙ୍କ ପୁଅ ଧୀରେନ୍ଦ୍ର ଉଭୟ ବୁଧବାର ସନ୍ଧ୍ୟାରେ ତାସ୍ ଖେଳୁଥିବା ସମୟରେ ଖେଳ ସମ୍ବନ୍ଧୀୟ କାରଣକୁ ନେଇ ଯୁକ୍ତିତର୍କ ଲାଗିଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଧୀରେନ୍ଦ୍ର ଶକ୍ତିକୁ ଚାପୁଡ଼ା ମାରିଥିଲା । ଏହି ଘଟଣାରେ ପ୍ରତିକ୍ରିୟାଶୀଳ ହୋଇ ଶକ୍ତିର ମାମୁଁ ପୁଅଭାଇ ଧୀରେନ୍ଦ୍ରକୁ ଚାପୁଡ଼ା ମାରିଥିଲା । ପରେ ଘଟଣାର ସମାଧାନ ହୋଇଥିଲା । ତେବେ ସମାଧାନର କିଛି ସମୟପରେ ଧୀରେନ୍ଦ୍ରର ପରିବାର ବିଭିନ୍ନ ମରଣାସ୍ତ୍ର ଧରି ଶକ୍ତି ପରିବାର ଉପରେ ଆକ୍ରମଣ କରିଥିଲେ । ଏଥିରେ ଶକ୍ତିର ମା, ଭଉଣୀ ଏବଂ ପିୟୁସି ଆହତ ହୋଇଥିଲେ । ପରେ ସେମାନଙ୍କୁ ଆନନ୍ଦପୁର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏନେଇ ଶକ୍ତିର ପରିବାର ପକ୍ଷରୁ ସୋସ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି ।

କର୍ମଦ୍ଧା ମାଇନ୍ସ ଡମ୍ପରୁ ମାଟି ଅତଡ଼ା ଖସି ଚାଷ ଜମି ନଷ୍ଟ

।।ପ୍ରଭାନ୍ୟୁଜ।। ସୁକିନ୍ଦା, ୨୪।୮: ସୁକିନ୍ଦା ଖଣି ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଟାଟା କମର୍ଦ୍ଧା ମାଇନ୍ସ ଡମ୍ପରୁ ମାଟି ଅତଡ଼ା ଖସି ହାତୀହୁଡ଼ି ଗ୍ରାମର ବହୁ ଚାଷ ଜମି ନଷ୍ଟ ହୋଇଛି । ଏହି ଚାଷ ଜମି ମଧ୍ୟରେ ସ୍ଥାନୀୟ ବାସିନ୍ଦା ଶଙ୍କର ମାରାଣ୍ଡି, ସାଗର ବଦରା, ଲକ୍ଷ୍ମଣ ଟୁଡୁ, କୁସୁନ ଟୁଡୁ, କୀର୍ତି ଟୁଡୁଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଚାଷ ଜମିରେ ମାଟି ଅତଡ଼ା ଚଢ଼ି ଯାଇ ଚାଷ ଜମି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଅଞ୍ଚଳରେ ଆଜି ଏନେଇ ଉତ୍ତେଜନା ଲାଗିରହିଛି । ଏନେଇ ସ୍ଥାନୀୟ ଲୋକେଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଟାଟା କର୍ତ୍ତୃପକ୍ଷ ପହଁଚି ଘଟଣାର ସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ମିଳିଛି । ଟାଟା କମର୍ଦ୍ଧା ମାଇନ୍ସ ଡମ୍ପ କଡ଼ରେ ସମ୍ପୂର୍ଣ୍ଣ ଓ୍ୱାଲ୍ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ମୁକ୍ତା ଯୋଜନାକୁ ରୂପାନ୍ତରିତ ଅଗ୍ରଗତି ନିମିତ୍ତ କର୍ମଶାଳା

।।ପ୍ରଭାନ୍ୟୁଜ।।ଆନନ୍ଦପୁର, ୨୪।୮: ପୌରପରିଷଦରେ ମୁକ୍ତା ଯୋଜନାକୁ ରୂପାନ୍ତରିତ ଅଗ୍ରଗତି ନିମନ୍ତେ ସ୍ଥାନୀୟ ପୌର ପରିଷଦ କଲ୍ୟାଣ ମଣ୍ଡପରେ ଏନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ବଳଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁକ୍ତା ଯୋଜନାର ଷ୍ଟେଟ ଆଡଭାଇଜର ଗୃହ ଓ ନଗର ଉନ୍ନୟନ ବିଭାଗ ରାଜଶ୍ରୀ ମହାନ୍ତି ଉପସ୍ଥିତ ରହି ସ୍ୱୟଂ ସହାୟକ ମହିଳାମାନଙ୍କ କିପରି ମୁକ୍ତା ଯୋଜନା ଦ୍ୱାରା ସହରାଞ୍ଚଳର ବିକାଶ ହୋଇପାରିବ ସେଥିପାଇଁ ସ୍ୱୟଂ ସହାୟକ ସଦସ୍ୟାମାନେ ମୁକ୍ତା ମାଧ୍ୟମରେ ଆନନ୍ଦପୁରର ୧୬ଟି ୱାର୍ଡରେକଲ୍ୟାମ ମଣ୍ଡପ, ପାର୍କ, ଜିମ୍ ଭଳି ଅନେକ ସହରାଞ୍ଚଳର ବିକାଶ କରିପାରିବେବୋଲି ମନ୍ତବ୍ୟ ରଖିଥିଲେ । କର୍ମଶାଳାରେ ଆନନ୍ଦପୁର ପୌରପରିଷଦ ଅଧ୍ୟକ୍ଷା ରଜନୀ ରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗା ଚରଣ ଦଳେଇ ପ୍ରମୁଖ ଉପସ୍ଥିତ ରହି ମୁକ୍ତା ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । କାଉନସିଲର ସନତ କର, କୃଷ୍ଣଚନ୍ଦ୍ର ରଣା, ସୁଜିତ ସାହୁଙ୍କ ସମେତ ୧୬ଟିୱାର୍ଡର ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ ।

କୁକର୍ମକାରୀକୁ ୧୦ବର୍ଷ କାରାଦଣ୍ଡାଦେଶ

।।ପ୍ରଭାନ୍ୟୁଜ।।ଯାଜପୁର, ୨୪।୮: ଗୁରୁବାର ଯାଜପୁର ପୋକ୍ସୋ କୋର୍ଟ-୧ର ମାନ୍ୟବର ବିଚାରପତି ଶରତ ଚନ୍ଦ୍ରଦେହୁରୀ ଜନୈକା ନାବାଳିକାକୀ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବକ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ମାମଲା ଅନୁଯାୟୀ ୨୦୧୪ ଅକ୍ଟୋବର ୪ତାରିଖରେ କାଳିଆପାଣି ଥାନା ଅଞ୍ଚଳର ଜନୈକା ୪ବର୍ଷୀୟା ନାବାଳିକାକୁ ଘର ପାଖରେ ଥିବା ଫରେଷ୍ଟ ବିଟ୍ ହାଉସର ପଛପଟକୁ ବିସ୍କୁଟ ଦେବା ବାହାନାରେ ଟେକି ନେଇ ବଳାତ୍କାର କରିଥିଲା ଅଭିଯୁକ୍ତ । ନାବାଳିକାର ମାଆ ପ୍ରକରେ ଲାଗିଥିବା ରକ୍ତ ଦେଖି ପଚାରିବା ପରେ ନାବାଳିକା ସମସ୍ତ ଘଟଣା ପ୍ରକାଶ କରିଥିଲା । ଝିଅ ଠାରୁ ସମସ୍ତ କଥା ଶୁଣିବା ପରେ ନାବାଳିକାର ମାଆ ଏନେଇ କାଳିଆପାଣି ଥାନାରେ ଅଭିଯୋଗ କରିଥିଲେ । ଏତଲା ଆଧାରରେ ପୁଲିସ ୬୪/୧୪ରେ ମାମଲା ରୁଜୁ କରି ପିଙ୍ଗଳକୋଡ଼ ଦଫା ୩୭୪(୨) ଓ ପୋକ୍ସୋ ଦଫା ୧୦ ଅନୁଯାୟୀ ମାମଲା କରି ତଦନ୍ତ କରିବା ପୂର୍ବକ ଅଭିଯୁକ୍ତ ରାଜା ଦେହୁରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ବୃତ୍ତାନ୍ତ ଶୁଣାଶୁଣି କରି ୧୭ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତିକରି କୋର୍ଟ ଅଭିଯୁକ୍ତକୁ ୧୦ବର୍ଷ ଜେଲଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରୀମାନା ପାଇଁ ରାୟ ଶୁଣାଇଛନ୍ତି । ଜରୀମାନା ଅନାଦେୟ ୬ମାସ ଦେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ, ଇନିଚାର୍ଜ ହେସାଲ ପବ୍ଲିକ ପ୍ରସ୍ୟୁକଟର ମାମଲା ପରିଚାଳନା କରୁଥିଲେ ।

ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସଭାବହି ଟଣାଓଟରା

।।ପ୍ରଭାନ୍ୟୁଜ।। କୁଆଖିଆ, ୨୪।୮: ରସୁଲପୁର ବ୍ଲକ କଲଣ ପଞ୍ଚାୟତର ସର୍ବପୁରାତନ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସଭା ବହିକୁ ନେଇ ମାମଲା କୁଆଖିଆ ଥାନାରେ ପହଁଚି ଥିବା ଜଣାପଡିଛି । ସୂଚନା ଅନୁଯାୟୀ ବିଦ୍ୟାଳୟର ପ୍ରକୋଷ୍ଠରେ ପରିଚାଳନା କମିଟିର ବୈଠକ ଚାଲିଥିବା ବେଳେ ସେହି ପଞ୍ଚାୟତ ଓ୍ୱାର୍ଡ୍‌ସଭ୍ୟ ଚୈତନ୍ୟ ସାହୁ ବିଦ୍ୟାଳୟ ବୈଠକର ସଭା ବହିଟିକୁ ଟାଣି ଆଣି ନିଜ ମୋବାଇଲ୍‌ରେ ଫଟୋ ଉଠାଇଥିଲେ । ଏହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ପଣ୍ଡା ବିରୋଧ କରିଥିଲେ । ପରେ ଚୈତନ୍ୟ ପ୍ରଧାନ ଶିକ୍ଷକଙ୍କୁ ଆଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ପ୍ରକୋଷ୍ଠରେ ଥିବା ଶିକ୍ଷକ କଳାକାର ନାୟକ ଏବଂ ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କୁ ଗାଳି କରିଥିଲେ । ଏସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀପଣ୍ଡା କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ କମିଟିର ଜ୍ୟୋତିରଂଜନ ସାହୁ, ଧୀରେନ୍ଦ୍ର କୁମାର ସାହୁ, ଅପର୍ଣ୍ଣା ମହାନ୍ତି, ସନ୍ଧ୍ୟାରାଣୀ ମଲ୍ଲିକ, କମଳାକାନ୍ତ ପ୍ରଧାନ, ଶୁଭେନ୍ଦୁ ସାମଲ, ମାନସ ରାଉତ, ସରସ୍ୱତୀ ମଲ୍ଲିକ, ଶୁଭଶ୍ରୀ ମଲ୍ଲିକ, ସୁଶାନ୍ତ କୁମାର ବାରିକ, ଶୁଭକାନ୍ତ ରାଉତ, ବିଶ୍ୱଜିତ୍ ସେଠୀ, ସୁରେଶ ଚନ୍ଦ୍ର ଶତପଥୀ, ମମତା ପଣ୍ଡା, ପ୍ରଶାନ୍ତ କୁମାର ଜେନା ପ୍ରଭୃତି ଓ୍ୱାର୍ଡ୍‌ସଭ୍ୟ ଶ୍ରୀ ସାହୁଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିବା ଜଣାପଡିଛି ।

ବିଭିନ୍ନ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ

।।ପ୍ରଭାନ୍ୟୁଜ।। ବନ୍ତ, ୨୪।୮: ବନ୍ତ ବ୍ଲକ ସଦରମହକୁମାରେ ଆଜି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ଧାମନଗର ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡାଇ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବନ୍ତ ବ୍ଲକ ବିଡ଼ିଓ ପ୍ରଦୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର ବିନିତାରାଣୀ କିଷ୍ଣୁ, ବନ୍ତ ସମିତିସଭ୍ୟ ଆୟୀନ୍‌ଜୀବୀ ପରମେଶ୍ୱର ବାରିକ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିପିନ ନାୟକ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ ପ୍ରମୁଖ ଉପସ୍ଥିତ ରହି ସାଂସଦ ଓ ବିଧାୟକ ପାଣ୍ଠିରୁ ବନ୍ତ ବଜାର ଆଲୋକିକରଣ, ବନ୍ତ ବଜାର ରାଜ୍ୟରାଜପଥ ବିଭାଜନ, ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବନ୍ତ ଗୋଷ୍ଠି ପରିମଳ କେନ୍ଦ୍ର, ନିୟନ୍ତ୍ରିତ ବଜାର କମିଟି ଗୃହ, ବାସନ୍ତିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମେତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସ୍ମୃତିରଞ୍ଜନ ସ୍ୱାଇଁ, ଚିନ୍ମୟ ଦାସ, ପ୍ରଣବ ଲେଙ୍କା, ଅଲୋକ ରାଉତ, ସକ୍ତିଧର ରାଉତ, ମୁନା ବେହେରା, କାଳିଆ ଦାସ, ସଂଜୀବ ଦାସ, ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମ